OFFICE OF THE TAHASILDAR * BARIPADA MAYURBHANJ *

# ତହସିଲଦାରଙ୍କ କାର୍ଯ୍ୟାଳୟ, ବାରିପଦା,ମୟୂରଭଞ୍ଜ

## ନିଲାମ ଇସ୍ତାହାର

ନଂ 3377 // ତା. 07/04/26

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି କି ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ ବାରିପଦା ତହସିଲର 2026-27 ବର୍ଷ ପାଇଁ ନିମ୍ନଲିଖିତ ସୈରାତ ଉତ୍ସ ଗୁଡିକର ନିମ୍ନ କାର୍ଯ୍ୟ ସୂଚୀ ଅନୁଯାୟୀ ତହସିଲଦାରଙ୍କ ଦ୍ୱାରା ଜଉମୁଦ (Sealed Tender) ମାଧମରେ ନିଲାମ କରାଯିବ । ଏଥିପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କ ଠାରୁ ଜଉମୁଦ ଲଫାପା ଆବେଦନ ପତ୍ର ଆହ୍ୱାନ କରାଯାଉଛି । ଆଗ୍ରହୀ ବ୍ୟକ୍ତିମାନେ ସୈରାତ ଉତ୍ସ ବାବଦ ଧାର୍ଯ୍ୟ ତାରିଖ ଓ ସମୟରେ ଉତ୍ସ ବାବଦ ସରକାରୀ ଧାର୍ଯ୍ୟମୂଲ୍ୟର (10) ପ୍ରତିଶତ ଅର୍ଥ ଅମାନତ ରୂପେ ତହସିଲ କାର୍ଯ୍ୟାଳୟ ନାଜିରଙ୍କ ଠାରେ ଦଖଲ କରି ଆବେଦନ ଫର୍ମ , ସବିଶେଷ ବିବରଣୀ ଓ ଅନ୍ୟାନ୍ୟ ନିୟମାବଳୀ ପାଇ ପାରିବେ ଏବଂ ତାହାର ରସିଦ ଆବେଦନ ପତ୍ରରେ ସଂଲଗ୍ନପୂର୍ବକ ଜଉମୁଦ ଲଫାପାରେ ବାରିପଦା ତହସିଲ କାର୍ଯ୍ୟାଳୟସ୍ଥ ନିର୍ଦ୍ଧାରିତ ବାକ୍ସରେ ଧାର୍ଯ୍ୟ ତାରିଖ ଓ ସମୟରେ ପକାଇବେ । ଜଉମୁଦ ଲଫାପା ଉପରେ ସୈରାତ ଉତ୍ସର ନାମ ଏବଂ ଲଫାପା ଭିତରେ ଆବେଦନକାରୀଙ୍କ ନାମ, ସଂପୂର୍ଣ୍ଣ ଠିକଣାସହ କେତେ ମୂଲ୍ୟରେ ନିଲାମ ନେବାକୁ ଚାହୁଁଛନ୍ତି ତାହା ସ୍ପଷ୍ଟ ଉଲ୍ଲେଖ କରିବେ । ଏଥିସହ ଆବେଦନକାରୀ ତାଙ୍କର ଆଧାର କାର୍ଡ ଓ ପାନ କାର୍ଡ ସଂଲଗ୍ନ କରିବେ । ଜଉମୁଦ ଲଫାପା ଆବେଦନ ପତ୍ର ପାଇବାର ତାରିଖ ଓ ସମୟ ନିମ୍ନ ସାରଣୀରେ ପ୍ରଦତ୍ତ ହେଲା ,ଏହା ପରେ ଆଉ କୌଣସି ଆବେଦନ ପତ୍ର ଗ୍ରହଣୀୟ ନୁହେଁ । ନିଲାମ ବାକ୍ସରେ ପଡିଥିବା ଜଉମୁଦ ଆବେଦନ ପତ୍ରଗୁଡିକ ନିମ୍ନ କାର୍ଯ୍ୟସୂଚୀ ମତେ , ତହସିଲଦାର ବାରିପଦାଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ଆବେଦନକାରୀ ମାନଙ୍କ ସମ୍ମୁଖରେ ଖୋଲାଯିବ ଏବଂ ସର୍ବୋଚ୍ଚ ଜଉମୁଦ ନିଲାମଧାରୀଙ୍କ ପକ୍ଷରେ ନିଲାମ ଗୃହୀତ ହେବ ।

ଏତଦ୍ ବ୍ୟତୀତ ସର୍ବୋଚ୍ଚ/ ଯୋଗ୍ୟ ବିବେଚିତ ନିଲାମଧାରି ସମସ୍ତ ପ୍ରାପ୍ୟ ଏକକାଳୀନ ପୈଠ କରିବେ, ନଚେତ ଅମାନତ ଟଙ୍କା ବାଜ୍ୟାପ୍ତ କରାଯିବ । ଯୋଗ୍ୟ ବିବେଚିତ ନିଲାମଧାରୀଙ୍କ ବ୍ୟତୀତ ଅନ୍ୟମାନେ ଅମାନତ ଅର୍ଥ ନିଲାମ ଚୁଡାନ୍ତ ପରେ ଫେରସ୍ତ ପାଇବେ । ଯୋଗ୍ୟ ବିବେଚିତ ନିଲାମଧାରୀ MTA ରେ ଉଲ୍ଲେଖିତ ସର୍ତ୍ତାବଳୀ , କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଅନ୍ୟାନ୍ୟ ନିର୍ଦ୍ଦେଶାବଳୀ ତଥା ଏହାଉପରେ ସରକାରଙ୍କ ପରିବର୍ତ୍ତିତ ନିୟମାବଳୀ ( ଯଦି ଭବିଷ୍ୟତରେ ଜାରି ହୁଏ ) ର ପରିସରଭୁକ୍ତ ରହିବେ ।

## କାର୍ଯ୍ୟସୂଚୀ

| କ୍ରମିକ ସଂଖ୍ୟା | ସୈରାତର ନାମ | ଅବସ୍ଥିତ ଓ ବିବରଣୀ | ଅବଧାରିତ ମୂଲ୍ୟ | ଜଉମୁଦ ନିଲାମ ଖୋଲା ହେବା ସ୍ଥାନ | ଆବେଦନ ଫର୍ମ ପାଇବାର ଶେଷ ତାରିଖ ଓ ସମୟ | ଜଉମୁଦ ନିଲାମ ଲଫାପା ଖୋଲା ହେବାର ତାରିଖ ଓ ସମୟ |
|---|---|---|---|---|---|---|
| 1 | **Mango Orchard of Chhancha ( TMC NO-56/2025-26)** | ମୌଜା-ଛାଞ୍ଚ ଖାତା ନଂ 267<br>ପ୍ଲଟନଂ -4/1<br>କିସମ - ବଗାୟାତ ଦୁଇ<br>ରକବା-ଏ 3.0 | **Rs.33,550/-** | ତହସିଲ କାର୍ଯ୍ୟାଳୟ ବାରିପଦା | ତା 17.04.2026 ଦିବା 10 ରୁ 12 ମଧ୍ୟରେ | ତା 18.04.2026 ଦିବା 10 ରୁ 12 ମଧ୍ୟରେ |
| 2 | **Mango Orchard of Chhancha ( TMC NO-57/2025-26)** | ମୌଜା-ଛାଞ୍ଚ<br>ଖାତା ନଂ 267<br>ପ୍ଲଟନଂ -187, 170<br>କିସମ - ବଗାୟାତ ଦୁଇ<br>ରକବା-ଏ 13.88 | **Rs. 52,800/-** | ତହସିଲ କାର୍ଯ୍ୟାଳୟ ବାରିପଦା | ତା 17.04.2026 ଦିବା 10 ରୁ 12 ମଧ୍ୟରେ | ତା 18.04.2026 ଦିବା 10 ରୁ 12 ମଧ୍ୟରେ |
| 3 | **Mango Orchard of Chhancha ( TMC NO-58 /2025-26)** | ମୌଜା-ଛାଞ୍ଚ<br>ଖାତା ନଂ- 267<br>ପ୍ଲଟନଂ -13<br>କିସମ - ବଗାୟାତ ଦୁଇ<br>ରକବା-ଏ 5.00 | **Rs.2,24,510/-** | ତହସିଲ କାର୍ଯ୍ୟାଳୟ ବାରିପଦା | ତା 17.04.2026 ଦିବା 10 ରୁ 12 ମଧ୍ୟରେ | ତା 18.04.2026 ଦିବା 10 ରୁ 12 ମଧ୍ୟରେ |
| 4 | **Mango Orchard of Chhancha ( TMC NO-59/2025-16)** | ମୌଜା-ଛାଞ୍ଚ ଖାତା ନଂ 267<br>ପ୍ଲଟନଂ -54/1200, 54/1201, 54/1202, 44/1196,44/1197, 44/1198,44/1199, 52,51<br>କିସମ - ଡାହି ଦୁଇ ଓ ଘରବାରି-୨<br>ରକବା-ଏ 3.65 | **Rs. 13,750/-** | ତହସିଲ କାର୍ଯ୍ୟାଳୟ ବାରିପଦା | ତା 17.04.2026 ଦିବା 10 ରୁ 12 ମଧ୍ୟରେ | ତା 18.04.2026 ଦିବା 10 ରୁ 12 ମଧ୍ୟରେ |

| | | | | | | |
|---|---|---|---|---|---|---|
| | | | | | | |
| 5 | Mango Orchard of Laxmiposi ( TMC NO- 60 /25-26) | ମୌଜା- ଲକ୍ଷ୍ମିପୋସି<br>ଖାତା ନଂ 53<br>ପ୍ଲଟନଂ -607, 608, 609, 610, 611, 612, 637, 638, 639, 640, 641, 642<br>କିସମ- ଡାହି, ଜଙ୍ଗଲ, ଆଶୁ<br>ରକବା- ଏ 16.92 | Rs. 76,120/- | ତହସିଲ କାର୍ଯ୍ୟାଳୟ ବାରିପଦା | ତା 17.04.2026 ଦିବା 10 ରୁ 12 ମଧ୍ୟରେ | ତା 18.04.2026 ଦିବା 10 ରୁ 12 ମଧ୍ୟରେ |
| 6 | Mango Orchard of Mohiniganj ( TMC NO- 61 /25-26) | ମୌଜା- ମୋହିନିଗଞ୍ଜ<br>ଖାତା ନଂ 314<br>ପ୍ଲଟନଂ -70<br>କିସମ -ବଗାୟାତ ଦୁଇ<br>ରକବା- ଏ 5.90 | Rs. 49,830/- | ତହସିଲ କାର୍ଯ୍ୟାଳୟ ବାରିପଦା | ତା 17.04.2026 ଦିବା 10 ରୁ 12 ମଧ୍ୟରେ | ତା 18.04.2026 ଦିବା 10 ରୁ 12 ମଧ୍ୟରେ |
| 7 | Mango Orchard of Rajabasa ( TMC NO- 62 /25-26) | ମୌଜା- ରାଜାବସା<br>ଖାତା ନଂ- 92<br>ପ୍ଲଟନଂ -256<br>କିସମ ବଗାୟାତ ଦୁଇ<br>ରକବା- ଏ. 10.31 | Rs.40, 000/- | ତହସିଲ କାର୍ଯ୍ୟାଳୟ ବାରିପଦା | ତା 17.04.2026 ଦିବା 10 ରୁ 12 ମଧ୍ୟରେ | ତା 18.04.2026 ଦିବା 10 ରୁ 12 ମଧ୍ୟରେ |
| 8 | Mango Orchard of Nayapurusotta mpur ( TMC NO- 63 /25-26) | ମୌଜା- ନୟାପୁରୁଷୋତ୍ତମପୁର<br>ଖାତା ନଂ- 95<br>ପ୍ଲଟନଂ -8, 10, 28, 35/1, 35/586/1<br>କିସମ ବଗାୟାତ ଦୁଇ ,ଡାହି ଦୁଇ ରକବା- ଏ 32.97 | Rs. 6,94,210/- | ତହସିଲ କାର୍ଯ୍ୟାଳୟ ବାରିପଦା | ତା 17.04.2026 ଦିବା 10 ରୁ 12 ମଧ୍ୟରେ | ତା 18.04.2026 ଦିବା 10 ରୁ 12 ମଧ୍ୟରେ |

ତହସିଲଦାର, ବାରିପଦା
TAHASILDAR
BARIPADA

ପରିପତ୍ର ସଂଖ୍ୟା ୨୩୭୮ / ତଉଜି, ତା ୦୭/୦୪/୨୬ ରିଖ

ଏହାର ଏକକିତା ନକଲ ଜିଲ୍ଲାପାଳ, ମୟୂରଭଞ୍ଜଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ତଥା ଜିଲ୍ଲା କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ବାରିପଦାଙ୍କ ସଦୟ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ତଥା କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ବାରିପଦା
TAHASILDAR
BARIPADA

ପରିପତ୍ର ସଂଖ୍ୟା. ୨୩୭୯ / ତଉଜି, ତା ୦୭/୦୪/୨୬ ରିଖ

ଏହାର ଏକକିତା ନକଲ ବାରିପଦା ତହସିଲ କାର୍ଯ୍ୟାଳୟ ନୋଟିସ୍ ଫଳକରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶିତ କରାଗଲା ।

ଏହାର ଏକକିତା ନକଲ ରାଜସ୍ୱ ପରିଦର୍ଶକ ବାରିପଦା , ରାଜସ୍ୱ ନିରୀକ୍ଷକ ବାରିପଦା-2, ବାରିପଦା-3 ଏବଂ ବୁଢ଼ୀଖମାରି ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା । ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଗଲା କି ଉପରୋକ୍ତ ସୈରାତ ନିଲାମ ସମ୍ପର୍କରେ ସମ୍ପୃକ୍ତ ଗ୍ରାମରେ ଢେଙ୍କୁରା ଦ୍ୱାରା ଗ୍ରାମବାସୀ ତଥା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନିଜ କାର୍ଯ୍ୟାଳୟ ନୋଟିସ୍ ଫଳକରେ ପ୍ରକାଶିତ କରିବେ ।

ଏହାର ଏକକିତା ନକଲ ବ୍ଲକ ଉନ୍ନୟନ ଅଧିକାରୀ, ବାରିପଦା/ ଭାରପ୍ରାପ୍ତ ଅଧିକାରୀ, ବାରିପଦା ଟାଉନ ଓ ସଦର ଥାନା / କାର୍ଯ୍ୟନିର୍ବାହି ଅଧିକାରୀ ବାରିପଦା ମ୍ୟୁନିସିପାଲଟି ଓ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ରାଜାବସା, ବୁଢ଼ୀଖମାରି, ଲକ୍ଷ୍ମିପୋଷୀ ଙ୍କ ନୋଟିସ୍ ବୋର୍ଡରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ବାରିପଦା
TAHASILDAR
BARIPADA